# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 January – 2026**

## ଷ୍ଟାର୍ଟଅପ୍ ଇଣ୍ଡିଆ

ନବସୃଜନ ଏବଂ ଉଦ୍ୟୋଗିତାକୁ ପ୍ରୋତ୍ସାହନ ପ୍ରଦାନ ସହିତ ନିବେଶ ଆଧାରିତ ଅଭିବୃଦ୍ଧି କ୍ଷେତ୍ରକୁ ସଶକ୍ତ କରିବା ଲକ୍ଷ୍ୟନେଇ କାର୍ଯ୍ୟକାରୀ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପକୁ ଆଜି ୧୦ବର୍ଷ ପୂରଣ ହୋଇଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଏହି ଅବସରରେ ଆଜି ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବା ସହ ମନୋନୀତ ପ୍ରତିନିଧି ମଣ୍ଡଳୀ ସହ ଉଦ୍ୟୋଗୀ ଯାତ୍ରା ଅର୍ନ୍ତଦୃଷ୍ଟି ନେଇ ମତ ବିନିମୟ କରିବେ । ୨୦୧୬ ଜାନୁଆରୀ ୧୬ ତାରିଖରେ ପ୍ରଧାନମନ୍ତ୍ରୀ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନର ଶୁଭାରମ୍ଭ କରିଥିଲେ । ଗତ ଦଶନ୍ଧି ମଧ୍ୟରେ ଦେଶର ଅର୍ଥନୈତିକ ଏବଂ ନବସୃଜନ କ୍ଷେତ୍ରରେ ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି ।

## ଧର୍ମେନ୍ଦ୍ର ପ୍ରଧାନ-ଉଦ୍ୟୋଗୀ

ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାର କେନ୍ଦ୍ରବିନ୍ଦୁରେ ଓଡ଼ିଶା ରହିଛି । ଓଡ଼ିଶାକୁ ଏକ ଜ୍ଞାନ ଆଧାରିତ ଅର୍ଥନୀତି ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟରେ ପ୍ରାକୃତିକ ସମ୍ପଦ, ପ୍ରତିଭାବାନ ଯୁବଶକ୍ତି,

ସୁଦୀର୍ଘ ବେଳାଭୂମି ଏବଂ ନୂତନ ଯୁଗର ବୈଷୟିକ ଜ୍ଞାନ କୌଶଳକୁ ବ୍ୟବହାର କରି ଏକ ସମୃଦ୍ଧ ଅର୍ଥନୀତିକ ଅଧ୍ୟାୟ ସୃଷ୍ଟି କରିବାର ସମୟ ଆସିଛି । ସମ୍ଭାବନାର ଉପଯୁକ୍ତ ଉପଯୋଗ ଓଡ଼ିଶାକୁ ସମୃଦ୍ଧଶାଳୀ ଅର୍ଥନୈତିକ ଶକ୍ତିରେ ପରିରତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ-ପଶ୍ଚିମବଙ୍ଗ ଗସ୍ତ

କୋଲ୍‌କାତାଠାରେ ଆଜି ଆୟୋଜିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ମୁଖ୍ୟମନ୍ତ୍ରୀ ଗତକାଲିଠାରୁ ପଶ୍ଚିମବଙ୍ଗକୁ ତିନିଦିନିଆ ଗସ୍ତରେ ଯାଇଛନ୍ତି । ତାଙ୍କ ସହିତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଯାଇଛନ୍ତି। ସମ୍ମିଳନୀରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ନିବେଶ ପାଇଁ ଦେଶର ପ୍ରମୁଖ ଉଦ୍ୟୋଗପତିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ବୁଝାମଣାପତ୍ର ସ୍ୱାକ୍ଷରିତ

ରାଜ୍ୟରେ ମହିଳାଙ୍କ ଦକ୍ଷତା ବିକାଶ ଏବଂ ଆର୍ଥିକ ସଶକ୍ତିକରଣ ଲକ୍ଷ୍ୟ ନେଇ ମିଶନଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନଠାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରରେ

ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସାମିଲ ହେବା ଉପରେ ଆଲୋକପାତ କରି କହିଛନ୍ତି ଏଭଳି ପଦକ୍ଷେପ ରାଜ୍ୟରେ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

**V/O**

## ପ୍ଲାନେଟୋରିୟମ-ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମର ଆଧୁନିକୀକରଣ ତଥା ବିକାଶ ପାଇଁ ରାଜ୍ୟ ସରକାର କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ କୋଲକାତାସ୍ଥିତ  ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ ଟେକ୍ନୋଲୋଜି ମ୍ୟୁଜିୟମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଖୁବ୍‌ଶୀଘ୍ର ମ୍ୟୁଜିୟମର ଏକ ପ୍ରତିନିଧି ମଣ୍ଡଳୀ ପ୍ଲାନେଟୋରିୟମ ଗସ୍ତରେ ଆସି ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବେ । ଏହି ଅବସରରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ  କୁମାର ସିଂହ ରାଜ୍ୟରେ ବିଜ୍ଞାନ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ସମୀକ୍ଷା

ଷଷ୍ଠ ରାଜ୍ୟ ଅର୍ଥକମିଶନ ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ଓ ଅନ୍ୟ ସଦସ୍ୟ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଗସ୍ତ ଅବସରରେ କମିଶନର ସଦସ୍ୟ ଛତ୍ରପୁରସ୍ଥିତ ସର୍ବପୁରାତନ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ

ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି । ସଂଧ୍ୟାରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ସଂଗୀତ ଉତ୍ସବ

ଭୁବନେଶ୍ୱରସ୍ଥିତ ରାଜରାଣୀ ମନ୍ଦିର ପ୍ରାଙ୍ଗଣରେ ଆଜିଠାରୁ ରାଜାରାଣୀ ସଂଗୀତ ଉତ୍ସବ ଆରମ୍ଭ ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ସଂଧ୍ୟାରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ରାଜ୍ୟ ତଥା ବାହାର ରାଜ୍ୟରୁ ଆସିଥିବା ପ୍ରତିଷ୍ଠିତ ସଂଗୀତଜ୍ଞ ଏହି ଉତ୍ସବର ବିଭିନ୍ନ ସଂଧ୍ୟାରେ ଶାସ୍ତ୍ରୀୟ ସଂଗୀତ ଓ ବାଦ୍ୟ ପରିବେଷଣ କରିବାର କାର୍ଯ୍ୟସୂଚୀ ରହିଛି ।

## ଧାନ ସଂଗ୍ରହ

ନୂଆପଡା ଜିଲ୍ଲାରେ ବର୍ତ୍ତମାନସୁଦ୍ଧା ୧୭ଲକ୍ଷ ୭୪ ହଜାର କୁଇଣ୍ଟାଲ ଧାନ ସଂଗୃହୀତ ହୋଇଛି । ଧାର୍ଯ୍ୟ ଲକ୍ଷ୍ୟର ଏହା ୯୪ ପ୍ରତିଶତ । ଚଳିତବର୍ଷ ୫୧ହଜାରରୁ ଅଧିକ ଚାଷୀ ଧାନ ବିକ୍ରି ନେଇ ପଞ୍ଜିକରଣ କରିଛନ୍ତି ।

## ସ୍ୱର୍ଣ୍ଣ ଧନୁଷ ଯାତ୍ରା

ଅଯୋଧ୍ୟା ଅଭିମୁଖେ ବାହାରିଥିବା ସ୍ୱର୍ଣ୍ଣ ଧନୁଷ ଯାତ୍ରା ଗତ ସଂଧ୍ୟାରେ ଭଦ୍ରକ ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠରେ ପହଞ୍ଚିଛି । ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି

ଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ । ରାଉରକେଲାର ହନୁମାନ ବାଟିକାରୁ ବାହାରିଥିବା ଏହି ଯାତ୍ରା ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛି ।

## ପିଏମ୍‌ଶ୍ରୀ

ନବରଙ୍ଗପୁର ବ୍ଲକ ବଡକୁମୁଳି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ସମାରୋହରେ ବିଧାୟକ ଗୌରୀଶଙ୍କର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଗୁଣାତ୍ମକ ଶିକ୍ଷା ପ୍ରଦାନ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ସେ ଆଲୋକପାତ କରିଥିଲେ ।

## ସଚେତନତା ଶିବିର

ନୂଆପଡା ଜିଲ୍ଲା କୋମନା ବ୍ଲକ ବେଲରଦନା ଗ୍ରାମରେ ଗତକଲି ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରମ ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଉଥିବା ଲୋକଙ୍କ ସ୍ଥିତି ଏବଂ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା । ରାଜ୍ୟରେ ବିଭିନ୍ନ ଶ୍ରମଭିତ୍ତିକ କାର୍ଯ୍ୟ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ମିଳୁଥିବା ସହଜ ଋଣର ସୁଯୋଗ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ ଦିନ ପରେ

ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସହ ଶୀତର ପ୍ରଭାବ ହ୍ରାସ ପାଇବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ବୃଦ୍ଧି ପାଇବା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୨ ଡିଗ୍ରୀ ସେଲସିୟସ ରହିଥିଲା ।